# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୩୯ (ଓଡ଼ିଆ ବୁଲେଟିନ) ସପ୍ତାହ – ୨୦ ତାରିଖ: ୧୫.୦୫.୨୦୨୬

## ଜିଲ୍ଲା – ବରଗଡ଼

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୧୬-୦୫-୨୦୨୬ | ୧୭-୦୫-୨୦୨୬ | ୧୮-୦୫-୨୦୨୬ | ୧୯-୦୫-୨୦୨୬ | ୨୦-୦୫-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 6 | 2 | 1 | 1 | 2 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 37 | 38 | 38 | 38 | 39 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 25 | 26 | 26 | 26 | 27 |
| ମେଘ ଆବରଣ(ଓକଟା) | 4 | 3 | 2 | 2 | 2 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 65 | 58 | 54 | 44 | 41 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 21 | 19 | 15 | 15 | 16 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 9 | 6 | 7 | 13 | 10 |
| ପବନର ଦିଗ (ଡିଗ୍ରୀ) | 165 | 152 | 193 | 243 | 243 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ସପ୍ତାହର ପ୍ରଥମ କିଛି ଦିନ ଅତି ହାଲୁକା ରୁ ହାଲୁକା ବର୍ଷା ହେବାର ସମ୍ଭାବନା ଦେଖାଯାଇପାରେ ଏବଂ ଏହି ସମୟ ଅବଧିରେ ଆକାଶ ପ୍ରଥମେ ଆଂଶିକ ମେଘାଚ୍ଛନ୍ନ ଓ ପରେ ଆଂଶିକ ସଫା ରହିପାରେ । ଆଗାମୀ ସପ୍ତାହରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନ ଦେଖିବାକୁ ମିଳିବ ନାହିଁ କିନ୍ତୁ ସର୍ବାଧିକ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଦେଖିବାକୁ ମିଳିପାରେ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତା ଅଧିକ ରୁ ମଧ୍ୟମ ରହିବା ସହିତ ୬ ରୁ ୧୩ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

### ସାଧାରଣ ଉପଦେଶ

- ଯେଉଁ ଚାଷୀମାନେ ରବି ଫସଲ ଅମଳ କରିସାରିଛନ୍ତି, ସେମାନେ ଉପଲବ୍ଧ ମାଟିର ଆର୍ଦ୍ରତାରେ ଗୋଟେ ଗ୍ରୀଷ୍ମକାଳୀନ ହଳ କରିବା ଉଚିତ ଯାହା ଦ୍ୱାରା ମାଟି ବାହିତ ପୋକକୁ ସୂର୍ଯ୍ୟକିରଣରେ ଦମନ କରାଯାଇପାରିବ, ଘାସ ଉପଦ୍ରବ ହ୍ରାସ କରାଯାଇପାରିବ ଏବଂ ଖରିଫ ଫସଲ ପାଇଁ ଆର୍ଦ୍ରତା ସଂରକ୍ଷଣ ବୃଦ୍ଧି କରାଯାଇପାରିବ ।
- ସଠିକ ଓ ଠିକ୍ ସମୟରେ କୃଷି ସମ୍ବନ୍ଧିୟ ପାଣିପାଗ ସୂଚନା ପାଇଁ, ଚାଷୀଭାଇମାନେ ମୌସମ (ସାଧାରଣ ପୂର୍ବାନୁମାନ), ମେଘଦୂତ (କୃଷି/ପଶୁପାଳନ ପରାମର୍ଶ) ଏବଂ ଦାମିନୀ (ବଜ୍ରପାତ ସତର୍କତା) ଭଳି ଆପ୍ ବ୍ୟବହାର କରିବା ଉଚିତ ।
- ସାର ବ୍ୟବହାରକୁ ଉନ୍ନତ କରିବା, ଖର୍ଚ୍ଚ ହ୍ରାସ କରିବା ଏବଂ ଖରିଫ ଫସଲ ପାଇଁ ଅଧିକ ଅମଳ ସୁନିଶ୍ଚିତ କରିବା ପାଇଁ ଖରିଫ ଋତୁ ପୂର୍ବରୁ ମୃତ୍ତିକା ପରୀକ୍ଷା ଅତ୍ୟନ୍ତ ଜରୁରୀ ଅଟେ । ପରୀକ୍ଷଣ ପାଇଁ ଉପଯୁକ୍ତ ସମୟ ହେଉଛି ରବି ଫସଲ ପରେ ଏବଂ ବର୍ଷା ପୂର୍ବରୁ, କାରଣ ଏହା ମାଟିରେ ଆବଶ୍ୟକ ଉପାଦାନ ପ୍ରୟୋଗ କରିବାକୁ ସମୟ ଦେଇଥାଏ ।
- ଓଦା, ଜଳବନ୍ଦୀ କିମ୍ବା ଅତ୍ୟଧିକ ସାରପ୍ରାପ୍ତ ଅଞ୍ଚଳରେ ନମୁନା ସଂଗ୍ରହ ଏଡ଼ାନ୍ତୁ।
- ମାଟିରେ ଉନ୍ନତ ଖାଦ୍ୟ ପରିଚାଳନା ବିଷୟରେ ପରାମର୍ଶ ପାଇବା ପାଇଁ ତଥା ପରୀକ୍ଷଣ ପାଇଁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପୋର୍ଟାଲ୍ ବ୍ୟବହାର କରନ୍ତୁ କିମ୍ବା ସ୍ଥାନୀୟ କୃଷି ବିଭାଗ ସହିତ ଯୋଗାଯୋଗ କରନ୍ତୁ ।

### ସଂକ୍ଷିପ୍ତ ଉପଦେଶ

- ଆଗାମୀ ହାଲୁକା ବର୍ଷା ସହ ବଜ୍ରପାତର ସମ୍ଭାବନାକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି ଯେ ସେମାନେ ଆଗକୁ ଅଧିକ କ୍ଷତି ଏଡାଇବା ପାଇଁ ସେମାନଙ୍କର ଅମଳ କରାଯାଇଥିବା ଫସଲକୁ ସୁରକ୍ଷିତ ସ୍ଥାନରେ ରଖିବାର ଉଚିତ ବ୍ୟବସ୍ଥା କରନ୍ତୁ ।

| ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ | | |
|---|---|---|
| **ଫସଲର ନାମ** | **ଫସଲ ଅବସ୍ଥା** | **କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ** |
| ଡାଲୁଅ ଧାନ | ଦୁଗ୍ଧ ଅବସ୍ଥା / ଦାନା ଭରିବା ଅବସ୍ଥା | • ପ୍ରଚଳିତ ପାଗର ଯେଉଁ ସ୍ଥିତି ରହିଅଛି ତାହା ଧାନ ଫସଲରେ ରଙ୍ଗ ପରିବର୍ତ୍ତନ/ବିକୃତ ହେବା ରୋଗର ବିକାଶକୁ ସହାୟକ ହୋଇପାରେ । ଯଦି ଶସ୍ୟରେ ଛୋଟ ଦାଗ କିମ୍ବା ମାଟିଆ ରୁ କଳା ରଙ୍ଗର ତନ୍ତୁ ଦେଖାଯାଏ, ତେବେ ପ୍ରୋପିକୋନାଜୋଲ ୨୫ % @ ୨୦୦ ମିଲି କିମ୍ବା ଟେବୁକୋନାଜୋଲ ୨୫ % @ ୪୦୦ ଗ୍ରାମକୁ ପ୍ରତି ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଆକାଶ ସଫା ଓ ପବନର ଗତି କମ ଥିବାବେଳେ ସକାଳ କିମ୍ବା ସନ୍ଧ୍ୟା ସମୟରେ ସିଞ୍ଚନ କାର୍ଯ୍ୟ କରିବା ଉଚିତ ।<br>• ଚକଡା ପୋକର ଆକ୍ରମଣରୁ ଗଛକୁ ରକ୍ଷା କରିବା ହେତୁ ପାଗ ସଫା ଓ ଶାନ୍ତ ଥିବାବେଳେ ଆଜାଡିରାକ୍ଟିନ୍ ୦.୧୫ % ନିମ ବିହନ କର୍ଣ୍ଣେଲ ଫର୍ମୁଲେସନ୍ @ ୪ ମିଲି କିମ୍ବା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି. @ ୦.୫ ମିଲି କିମ୍ବା ପାଇମେଟ୍ରୋଜିନ୍ ୫୦% ଡବ୍ଲୁ.ଜି. @ ୦.୬ ଗ୍ରାମ କିମ୍ବା ଡାଇନୋଟେଫ୍ୟୁରାନ୍ ୨୦% ଏସ୍.ଜି. @ ୦.୪ ଗ୍ରାମ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ. @ ୦.୨୫ ମିଲି କିମ୍ବା ଆସିଫେଟ୍ ୭୫% ଏସ୍.ପି. @ ୨ ଗ୍ରାମକୁ ଗୋଟେ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଭେଣ୍ଡି | ଫଳ ଓ ପରିପକ୍ବ ଅବସ୍ଥା | • ଭେଣ୍ଡି ଗଛରେ ଫଳ ଓ କାଣ୍ଡ ବିନ୍ଧା ପୋକର ଗୁରୁତର ଆକ୍ରମଣ କ୍ଷେତ୍ରରେ, ସଫା ପାଗରେ ଇମାମେକ୍ଟିନ୍ ବେଞ୍ଜୋଏଟ୍ ୫ ଏସ୍.ଜି. @ ୦.୪ ଗ୍ରାମ କିମ୍ବା ସ୍ପିନୋସାଡ୍ ୪୫ ଏସ୍.ସି. @ ୦.୪ ମିଲି କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. @ ୦.୩ ମିଲିକୁ ପ୍ରତି ଲିଟର୍ ପାଣିରେ ମିଶାଇ ଖେତରେ ପ୍ରୟୋଗ କରନ୍ତୁ । ଯଦି ସମ୍ଭବ ହୁଏ ଫସଲ ଅମଳ କରିବାର ଅତି କମରେ ୩ ରୁ ୫ ଦିନ ପୂର୍ବରୁ କୌଣସି କୀଟନାଶକ ସିଞ୍ଚନ କରନ୍ତୁ ନାହିଁ ।<br>• ଆଗକୁ ପ୍ରତିକୂଳ ପାଣିପାଗର ପରିସ୍ଥିତିରୁ ଅଧିକ କ୍ଷତି ଏଡାଇବା ପାଇଁ ପରିପକ୍ବ ଫସଲକୁ ଯଥାଶୀଘ୍ର ଅମଳ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ମାଟିରେ ପର୍ଯ୍ୟାପ୍ତ ଆର୍ଦ୍ରତା ବଜାୟ ରଖିବାକୁ ପରାମର୍ଶ ଦିଆଯାଇଅଛି । |
| ପିକୁଳି | ଫଳ ବାହାରିବା ଅବସ୍ଥା | • ଚାଷୀଭାଇମାନେ ଦହିଆ ପୋକର ଆକ୍ରମଣ ପ୍ରତି ସତର୍କ ରୁହନ୍ତୁ କାରଣ ପ୍ରଚଳିତ ପାଣିପାଗ ଏହି ପୋକର ଆକ୍ରମଣ ପାଇଁ ଅନୁକୂଳ ଅଟେ । ଯଦି ଆକ୍ରମଣ ଦେଖାଯାଏ, ତେବେ ସ୍ୱଚ୍ଛ ଏବଂ ଶାନ୍ତ ପାଗରେ ପ୍ରତି ଲିଟର ପାଣିରେ ଥାଇମିଥୋକ୍ସାମ୍ ୨୫% ଡବ୍ଲୁ.ଜି. @ ୦.୬ ଗ୍ରାମ୍ କିମ୍ବା ଲାମ୍ବଡା ସାଇହାଲୋଥ୍ରିନ୍ ୪.୯ ସି.ଏସ୍. @ ୧ ରୁ ୧.୨୫ ମିଲି ସିଞ୍ଚନ କରିବାକୁ ପରାମର୍ଶ ଦିଆଯାଉଛି । |
| କଖାରୁ ଜାତୀୟ ଫସଲ | ଫୁଲ ଓ ଫଳ ଅବସ୍ଥା | • ପୂର୍ବ ଦିନଗୁଡ଼ିକର ତାପମାତ୍ରା ସହିତ ସାମୟିକ ମେଘୁଆ ପରିସ୍ଥିତି ଯୋଗୁଁ, କାକୁଡି ବା କଖାରୁଜାତୀୟ ଫସଲରେ<br>• ଯଦି ଆବଶ୍ୟକ ନ ପଡ଼େ, ତେବେ ଚାଷୀମାନେ ଜଳସେଚନ ଏବଂ ସିଞ୍ଚନ କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରିବା ଉଚିତ କାରଣ ଆଗାମୀ ଦିନରେ କିଛି ଅଞ୍ଚଳରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି ।<br>• ଆଗକୁ ଫସଲ ନଷ୍ଟ ହେବାରୁ ରକ୍ଷା କରିବା ପାଇଁ ଯଥାଶୀଘ୍ର ପରିପକ୍ବ ଫସଲ ଅମଳ କରିନେବାକୁ ପରାମର୍ଶ ଦିଆଯାଉଛି ।<br>• କୀଟପତଙ୍ଗ ଏବଂ ରୋଗ ଆକ୍ରମଣ ବିରୁଦ୍ଧରେ ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି । |
| ପଶୁ ପାଳନ | • ପ୍ରଚଳିତ ତାପମାତ୍ରାର ସ୍ଥିତିକୁ ବିଚାରକୁ ନେଇ, ଚାଷୀଭାଇମାନଙ୍କୁ ପରାମର୍ଶ ଦିଆଯାଇଛି ଯେ ସେମାନେ ଦିନ ୧୨ ଟା ରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ କାମ ପାଇଁ ପଶୁମାନଙ୍କୁ ବ୍ୟବହାର କରିବାରୁ ନିବୃତ୍ତ ରୁହନ୍ତୁ ଏବଂ ଖୋଲା ସ୍ଥାନରେ ସେମାନଙ୍କୁ ବାନ୍ଧିକି ନ ଛାଡ଼ନ୍ତୁ । ପଶୁମାନଙ୍କୁ ନିୟମିତ ତାଜା ଥଣ୍ଡା ପାନୀୟ ଜଳ ଯୋଗେଇବାର ବ୍ୟବସ୍ଥା କରନ୍ତୁ । ଅତ୍ୟଧିକ ଗରମ ସମୟରେ, ପାଣି ସିଞ୍ଚନ କରନ୍ତୁ ଏବଂ ଗୋରୁମାନଙ୍କୁ ଥଣ୍ଡା କରିବା ପାଇଁ ଜଳାଶୟକୁ ନେଇଯାଆନ୍ତୁ ।<br>• ବଜ୍ରପାତ ସୂଚନା ଦିଆହୋଇଥିବା ଅବଧିରେ ପଶୁମାନଙ୍କୁ ଚରାଇବାକୁ ଛାଡନ୍ତୁ ନାହିଁ । | |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍କୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପର ବ୍ୟବହାର କରିପାରିବେ।